**ଗ୍ରାମୀଣ କୃଷି ମୌଷମ ସେବା, କ୍ଷେତ୍ରୀୟ କୃଷି ଉପଦେଶ ଏକକ,କିରେଇ**

**ଆଞ୍ଚଳିକ ଗବେଷଣା ସଂପ୍ରସାରଣ ଉପକେନ୍ଦ୍ର ,ସୁନ୍ଦରଗଡ**

**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ସୁନ୍ଦରଗଡ ଶାଖା**

| *ସାପ୍ତାହିକ କ୍ରମିକ ସଙ୍ଖ୍ୟା : ୦୧* | *ବୁଲେଟିନ ନମ୍ବର : ୦୨* | *ତାରିଖ :୦୨.୧୨.୨୦୨୬*,ଶୁକ୍ର ବାର |
|---|---|---|

## ଜିଲ୍ଲା – ଦେଓଗଡ (ଉତ୍ତର ପଶ୍ଚିମ ମାଳଭୂମି ଜଳବାୟୁ ମଣ୍ଡଳ )

## ଗତ ପାଞ୍ଚ ଦିନର ପାଣିପାଗ ବିବରଣୀ ଓ ବର୍ତ୍ତମାନ ଫସଲର ଅବସ୍ଥା

ଦେଓଗଡ ଜିଲ୍ଲାରେ ଗତ ପାଞ୍ଚ ଦିନ ର ସର୍ବାଧିକ ତାପମାତ୍ରା ର ହାରାହାରି **୨୮.୬ C** ଓ ସର୍ବନିମ୍ନ ତାପମାତ୍ରାର ର ହାରାହାରି **୧୨.୬ ◦C** ଅଟେ । ଗତ ଚାରି ଦିନ ରେ ଏହି ଜିଲ୍ଲାରେ **୦.୦ ମି.ମି.** ର ବର୍ଷା ହୋଇଛି ଅଛି । ରବି ଫସଲରେ ଭବ୍ୟ ବିକାଶ ପର୍ଜାୟ ଓ ଚାଷ କ୍ଷେତ କୋଡାଖୁସା କାମ ଚାଲୁରହିଛି । ରବିଧାନ ତଳିଘରା ଓ ବୁଣା ଅବସ୍ଥା ଚାଲୁରହିଛି ।

## ଆସନ୍ତା ପାଞ୍ଚ ଦିନର ପାଣିପାଗ ସୂଚନା :ପାଣିପାଗ ବିବରଣୀ

ଆଗାମୀ **୦୩.୦୧.୨୦୨୬ –୦୭.୦୧.୨୦୨୬,ଶନିବାର - ବୁଧବାର** ପର୍ଯ୍ୟନ୍ତ ପାଞ୍ଚଦିନର ପାଣିପାଗ ଆଗାମୀ ପାଞ୍ଚ ଦିନରେ ଦେଓଗଡ ଜିଲ୍ଲାରେ **ବର୍ଷା ହେବାର ସମ୍ଭାବନା ରହିନାହିଁ** । ବାୟୁ ର ବେଗ ୩ – ୪ କି. ମି. ମଧ୍ୟରେ ବହିବାର ସମ୍ଭାବନା ରହିଛି । ସର୍ବାଧିକ ତାପମାତ୍ରା (୨୭ – ୨୮ ◦C) ମଧ୍ୟରେ ରହିବାର ସମ୍ଭାବନା ରହିଛି ଓ ସର୍ବନିମ୍ନ ତାପମାତ୍ରା (୧୩ -୧୪ ◦C) ମଧ୍ୟରେ ରହିବାର ସମ୍ଭାବନା ରହିଛି ।ଆଗାମୀ ସପ୍ତାହର ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (୭୩ – ୭୮ %) ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (୨୬–୩୫ %) ମଧ୍ୟରେ ରହିବାର ଭାରତ ପାଣିପାଗ ବିଭାଗ , ଭୁବନେଶ୍ୱର ର ତଥ୍ୟ ଅନୁଯାୟୀ ପୂର୍ବାନୁମାନ କରାଯାଉଅଛି ।

| ଜିଲ୍ଲା | ତାରିଖ | ବର୍ଷା (ମି.ମି) | ସର୍ବାଧିକ ତାପମାତ୍ରା (ଡି.ସେ) | ସର୍ବନିମ୍ନ ତାପମାତ୍ରା (ଡି.ସେ) | ମେଘାଚ୍ଛନ୍ନ | ସର୍ବାଧିକ ଆପେକ୍ଷିକ ଆଦ୍ରତା (ପ୍ରତିଶତ) | ସର୍ବନିମ୍ନ ଆପେକ୍ଷିକ ଆଦ୍ରତା (ପ୍ରତିଶତ) | ବାୟୁ ର ବେଗ (କି.ମି. ପ୍ର.ଘ) | ବାୟୁ ର ଦିଗ (ଡି.ଗ୍ରୀ) |
|---|---|---|---|---|---|---|---|---|---|
| ଦେଓଗଡ | ୦୩-୦୧-୨୦୨୬ | ୦ | ୨୮ | ୧୩ | ୧ | ୭୩ | ୩୦ | ୩ | ୭ |
| | ୦୪-୦୧-୨୦୨୬ | ୦ | ୨୮ | ୧୪ | ୧ | ୭୫ | ୩୪ | ୩ | ୪୫ |
| | ୦୫-୦୧ -୨୦୨୬ | ୦ | ୨୮ | ୧୪ | ୨ | ୭୮ | ୩୩ | ୪ | ୩୭ |
| | ୦୬ –୦୧-୨୦୨୬ | ୦ | ୨୮ | ୧୪ | ୨ | ୭୭ | ୩୫ | ୪ | ୧୭ |
| | ୦୭-୦୧-୨୦୨୬ | ୦ | ୨୭ | ୧୩ | ୧ | ୭୪ | ୨୬ | ୪ | ୧୧ |

## ସାଧାରଣ ପରାମର୍ଶ :

- **ଆଇ . ଏମ . ଡି ର ପୂର୍ବାନୁମାନ ଅନୁଯାୟୀ ଦେଓଗଡ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିନାହିଁ ।** ପାଣିପାଗ ଅନୁସାରେ ବର୍ତ୍ତମାନ ସମୟରେ ବିଳମ୍ବରେ ଲଗାଯାଇଥିବା ଗହମ ୨୫ ଦିନର ହୋଇଗଲେ ତୁରନ୍ତ ଘାସ ବାଛନ୍ତୁ କିମ୍ବା ଘାସର ଦମନ ପାଇଁ ହେକ୍ଟର ପ୍ରତି ୧ କିଗ୍ରା ୨-୪ –ଡି- ସୋଡିୟମ ତୃଣନାଶକ ଔଷଧ ସିଞ୍ଚନ କରନ୍ତୁ

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ :

- ଖରାଟିଆ ସୂର୍ଯ୍ୟମୁଖୀ ଫସଲରେ ଜାନୁୟାରୀ ୧୫ ତାରିଖ ସୁଦ୍ଧା ଖରାଟିଆ ସୂର୍ଯ୍ୟମୁଖୀ ଲଗାଇବା କାମ ଶେଷ କରନ୍ତୁ । ନିଶ୍ଚିତ ରୂପେ ଅଧିକ ଅମଳକ୍ଷମ କିସମ ପାଇଁ ଅନୁମୋଦିତ ସଙ୍କର ଜାତୀୟ ବିହନ ଚୟନ କରନ୍ତୁ

## କୃଷି ପାଣିପାଗ ଉପଦେଶ

| ଫସଲ | ଫସଲ ଅବସ୍ଥା | ଉପଦେଶ |
|---|---|---|
| ଡାଲୁଅ ଧାନ : | ତଳିପକା | • ଧାନ ତଳି ୧୫ ଦିନର ହୋଇଯାଇଥିଲେ ଶତକଡା ୨ ଭାଗ ୟୁରିୟା ସିଞ୍ଚନ କରନ୍ତୁ ତଳି ଉପାଡିବାର ଏକ ସପ୍ତାହ ପୂର୍ବରୁ ପ୍ରତି ୧୦ ଡେସିମିଲି ତଳିଘରା ରେ ୮୦୦ ଗ୍ରାମ କାରଟାପ ପ୍ରୟୋଗ କରନ୍ତୁ ଏବେଁ ୨ ରୁ ୩ ଦିନ ପାଣି ବାନ୍ଧି ରଖନ୍ତୁ |
| ରବି ସୂର୍ଯ୍ୟମୁଖୀ : | ଅଙ୍ଗୀୟ ବୃଦ୍ଧି | • ରବି ସୂର୍ଯ୍ୟମୁଖୀ ଫସଲରେ ଫସଲ ବୁଣିବାର ୪୦ – ୫୦ ଦିନ ହୋଇଯାଇଥିଲେ ଅଧିକ ଅମଳକ୍ଷମ କିସମରେ ଏକର ପ୍ରତି ୩ କିଗ୍ରା ଯବକ୍ଷାରଜାନ ଓ ସଙ୍କର ଜାତୀୟରେ ୬ କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ<br>• ସାର ପ୍ରୟୋଗ ପରେ ତୁରନ୍ତ ଜଳସେଚନ ର ବ୍ୟବସ୍ଥା କରନ୍ତୁ<br>• ଫୁଲ ଫୁଟିବା ପୂର୍ବରୁ ବୋରାକ୍ସ ଦ୍ରବଣ ପ୍ରତି ଲିଟର ପାଣିରେ ୨ ଗ୍ରାମ ସିଞ୍ଚନ କରନ୍ତୁ କିମ୍ବା ଫୁଲ ଫୁଟିବା ଆଗରୁ ୨ କିଗ୍ରା ବୋରାକ୍ସ ଗୁଣ୍ଡ ପ୍ରୟୋଗ କରନ୍ତୁ<br>• ଫୁଲ ହେବାପରେ ହାତରେ ପରାଗ ସଂଗମ କଲେ ଦାନା ସଙ୍ଖ୍ୟା ଅଧିକ ହୁଏ |
| ଗହମ : | ଅଙ୍ଗୀୟ ବୃଦ୍ଧି | • ଗହମ ଚାଷରେ କିଆରୀରେ ଉଇ ଜନିତ ଝାଉଁଳା ଗଛ ଦେଖାଦେଲେ ବାରମ୍ବାର ଜଳସେଚନ କରନ୍ତୁ ଏବେଁ ଆକ୍ରାନ୍ତ ସ୍ଥାନଗୁଡିକରେ ପ୍ରତିଲିଟର ପାଣିରେ ୨ ମିଲି ହିସାବରେ କ୍ଲୋରୋପାଇରିଫସ ଗୋଳାଇ ମାଟିକୁ ଭଲଭାବରେ ଭିଜାଇ ଦିଅନ୍ତୁ<br>• ବର୍ତ୍ତମାନ ର ପାଣିପାଗ ଅନୁସାରେ ଗହମ ଚାଷରେ ଗହମ ଚାଷରେ କାଣ୍ଡବିନ୍ଧା ପୋକର ଆକ୍ରମଣ ଦେଖାଦେଲେ ଏକର ପ୍ରତି ୪୦୦ ମିଲି ଟ୍ରାଏଜୋଫସ କିମ୍ବା ପ୍ରୋଫେନୋଫସ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ<br>• ଗହମ ଫସଲ ୨୫ ଦିନର ହୋଇଗଲେ ତୁରନ୍ତ ଘାସ ବାଛନ୍ତୁ କିମ୍ବା ଘାସର ଦମନ ପାଇଁ ହେକ୍ଟର ପ୍ରତି ୧ କିଗ୍ରା ୨ – ୪ –ଡି – ସୋଡିୟମ ତୃଣନାଶକ ଔଷଧ ସିଞ୍ଚନ କରନ୍ତୁ |
| ରବି ମକା : | ଅଙ୍ଗୀୟ ବୃଦ୍ଧି | • ସଅଳ ଫସଲ ୬- ୭ ସପ୍ତାହର ହୋଇଥିଲେ ଦ୍ଵିତୀୟ ଥର ପାଇଁ କୋଡାଖୁସା କରି ଏକର ପ୍ରତି ୮ କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ |

| | | |
|---|---|---|
| | | • ବର୍ତ୍ତମାନ ର ପାଣିପାଗ ଅନୁସାରେ ମାଟିର ବତର କୁ ଦେଖି ଜଳସେଚନ କରନ୍ତୁ କୌଣସି ଅବସ୍ଥାରେ ୬ ଘଣ୍ଟାରୁ ଅଧିକ ସମୟ ଠିଆ ପାଣି ରଖନ୍ତୁ ନାହିଁ<br>• ରାସାୟନିକ ନିୟନ୍ତ୍ରଣ ହିସାବରେ ପ୍ରତି ଲିଟର ପାଣିରେ ୨ ମିଲି କ୍ଲୋରୋପାଇରିଫସ ଶତକଡା ୨୦ ଇସି କିମ୍ବା ମନୋକ୍ରୋଟଫସ ଶତକଡା ୩୬ ଏସଏଲ ମିଶାଇ ସିଞ୍ଚନ କରନ୍ତୁ |
| ଡାଲିଫସଲ: | ଅଙ୍ଗୀୟ ବୃଦ୍ଧି | • ପାଣିପାଗ ଅନୁସାରେ ବର୍ତ୍ତମାନ ସମୟରେ ମଟର ଓ ବୁଟର ଝାଉଁଳା ରୋଗର ଦମନ ପାଇଁ ଏକର ପ୍ରତି ୩୦୦ ଗ୍ରାମ କାର୍ବେଣ୍ଡାଜିମ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ<br>• ବର୍ତ୍ତମାନ ର ଥଣ୍ଡା ପାଗ ଅନୁସାରେ ଡାଲି ଫସଲରେ ପାଉଁଶିଆ ରୋଗ ର ଆଶଙ୍କା ରହିଥାଏ ଏହାର ନିରାକରଣ ପାଇଁ ଏକର ପ୍ରତି ୧ କିଗ୍ରା ସଲଫର ସେଚିତ ଗୁଣ୍ଡ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ |
| ରବି ଚିନାବାଦାମ : | ଅଙ୍ଗୀୟ ବୃଦ୍ଧି | • ବର୍ତ୍ତମାନ ର ପାଗ ଅନୁସାରେ ରବିଚିନାବାଦାମରେ ଚେର ସଢା ରୋଗ ଲାଗିବାର ସମ୍ଭାବନା ଦେଖାଦେଲେ ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ ହିସାବରେ ମେଟାଲାକ୍ସିଲ୍ ଓ ମାଙ୍କୋଜେବ ମିଶ୍ରଣ କୁ ମିଶାଇ ସିଞ୍ଚନ କରନ୍ତୁ<br>• ରବି ଚିନାବାଦାମରେ ଅଙ୍କୁରସଢା ରୋଗ ଲାଗିବାର ଦେଖାଦେଲେ ଏହାର ଦମନ ପାଇଁ ଗଛ ଦୁଇ ପତ୍ରର ହୋଇଗଲେ ପ୍ରତି ଲିଟର ପାଣିରେ ୨ ଗ୍ରାମ ହିସାବରେ କାର୍ବେଣ୍ଡାଜିମ ମିଶାଇ ସିଞ୍ଚନ କରନ୍ତୁ |
| ପନିପରିବା : | ବୁଣିବା /ଅଙ୍ଗୀୟ ବୃଦ୍ଧି : | • ବର୍ତ୍ତମାନ ସମୟରେ ପନିପରିବାରେ ଫୁଲକୋବି ଫସଲରେ ଶତକଡା ୦.୨ (ପ୍ରତି ଲିଟର ପାଣିରେ ୨ ଗ୍ରାମ) ଭାଗ ବୋରାକ୍ସ ସିଞ୍ଚନ କଲେ ପଟା ହୁଏ ନାହିଁ<br>• ବାଇଗଣ ଓ ଟମାଟୋ ସମେତ ଅନ୍ୟାନ୍ୟ ପନିପରିବାରେ ବୀଜାଣୁ ଜନିତ ଝାଉଁଳା ରୋଗ ଦେଖାଦେଲେ ଏହାର ଦମନ ପାଇଁ ପ୍ରତି ୧୦ ଲିଟର ପାଣିରେ ୧ ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ ମୂଳମାଟି ଭିଜିଲା ପରି ସିଞ୍ଚନ କରନ୍ତୁ |
| କୁକୁଡ଼ା ଙ୍କ ଯତ୍ନ : | | • ପାଣିପାଗ ଅନୁସାରେ ବର୍ତ୍ତମାନ ତାପମାତ୍ରା କମ ରହୁଥିବାରୁ କୁକୁଡ଼ା ଚିଆଁ କୁ ରକ୍ଷା କରିବା ପାଇଁ ୩ ରୁ ୪ ସପ୍ତାହ ପର୍ଯ୍ୟନ୍ତ କୁକୁଡ଼ା ଘରେ ବିଦ୍ୟୁତ ଚୁଲା ବ୍ୟବହାର ନିତ୍ୟାନ୍ତ କରନ୍ତୁ କିମ୍ବା କୁକୁଡ଼ାଘରକୁ ଅଖା ଦ୍ୱାରା ଢାଙ୍କି ବଲ୍ବ ଜଳାନ୍ତୁ |

**କୃଷି କ୍ଷେତ୍ର ସହ ଜଡିତ ଯେକୌଣସି ସମସ୍ୟା ପାଇଁ ଟୋଲ ଫ୍ରି ନମ୍ବର ୧୫୫୧ କୁ ଡାଏଲ କରନ୍ତୁ।**

*ଉତ୍ତମ କୃଷି ଲାଭ ପାଇଁ, ଓୟୁଏଟି କଳିଙ୍ଗ ପ୍ରଡକ୍ଟସ୍ (ବିହନ, ସେପଲିଙ୍ଗ୍ ଏବଂ ଜେଡ୍ରିଏମ୍, ଟିସୁ ଚାଷ ଉଦ୍ଭିଦ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ପ୍ରଜନନ, ମହୁମାଛି ଓ ଛେଳି, ଜୈବସାର, ଜୈବ କୀଟନାଶକ, ଭେରିମି ଏବଂ ଭେରିକମ୍ପୋଷ୍ଟ ଏବଂ ଫାର୍ମ ଉପକରଣ)*

ଆଇଏମଡିର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ବର୍ତ୍ତମାନ ମେଘଦୂତରେ ଉପଲବ୍ଧ

ଇଂରାଜୀ ଓ ଓଡ଼ିଆ ଭାଷାରେ ମୋବାଇଲ୍ ଆପ୍ ଡାଉନଲୋଡ୍ କରିବା: (ଏଣ୍ଡ୍ରଓଡ୍: **https://play.google.**

***com/store/apps/details?id_com.aas.meghdoot)***

ବି : ଦ୍ରଷ୍ଟବ୍ୟ : ଓୟୁଏଟି  ଶାଖା  ଚିପଲିମା ଓ ଗମ୍ଭାରିପାଲି ବିହନ ଗବେଷଣା ଫାର୍ମ ଠାରେ ସ୍ୱର୍ଣ ଧାନ ବିହନ ୨ ୦ କିଗ୍ରା ବସ୍ତା ପିଛା ଟ. ୭୧୨ . ୪୦ ପଇସା ଚାଷୀ ନିମନ୍ତେ ବିକ୍ରି ହେଉଅଛି |

*ନୋଡାଲ ଅଫିସର, କିରେଇ*